## ପ୍ରଥମ ସ୍ତମ୍ଭ...

# ବିଶ୍ୱ ପୁଞ୍ଜିର ପୁନଶ୍ଚ ବିଶ୍ୱ ବିଜୟ ଅଭିଯାନ

ଏହି ଲେଖାଟି ଆରମ୍ଭ କରିବା ବେଳକୁ ଆମେରିକା ଓ ଇସ୍ରାଏଲ ଦ୍ୱାରା ଇରାନ ଉପରେ ଯେଉଁ ଆକ୍ରମଣ ଆରମ୍ଭ ହୋଇଥିଲା ଫେବୃଆରୀ ୨୮, ୨୦୨୬ ରେ, ତାହା ୧୫ଦିନ ଅତିକ୍ରମ କରିସାରିଛି। ବିଶ୍ୱସାରା ଲୋକେ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ଏହା ଏତେ ଅପ୍ରତ୍ୟାଶିତ, ଅମାନବିକ, ଅନୈତିକ ଓ ଅନ୍ୟାୟପୂର୍ଣ୍ଣ ଥିଲା ଯେ ଆମେରିକାର କିଛି ବନ୍ଧୁ ରାଷ୍ଟ୍ରମାନେ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଅବଶ୍ୟ କେହିବି ଆଖିଦୃଷ୍ଟିଆ କୌଣସି ପ୍ରତିରୋଧାତ୍ମକ ପଦକ୍ଷପ ନେଲାଭଳି ଦେଖାଯାଉ ନାହାନ୍ତି। ଗତ କିଛି ଦିନ ଧରି ଯେଉଁ କ୍ଷେପଣାସ୍ତ୍ର ପ୍ରୟୋଗ ବା ବୋମା ଦ୍ୱାରା ଆକ୍ରମଣ ଚାଲିଛି, ତାର ସାମ୍ପ୍ରତିକ ସ୍ଥିତି କିଭଳି ଅଛି ତାହା ପାଠକମାନେ ନିଜେ ଗଣମାଧ୍ୟମ ସୌଜନ୍ୟରୁ ପ୍ରତ୍ୟେକ ମୁହୂର୍ତ୍ତରେ ପାଉଥିବେ। ଇରାନ ଭଳି ୭୦୦୦ ବର୍ଷର ପୁରୁଣା ଏକ ସଭ୍ୟତାକୁ ୪୦୦ ବର୍ଷ ବି ପୂରଣ କରିନଥିବା ଆମେରିକା ଭଳି ଏକ ରାଷ୍ଟ୍ର ଆକ୍ରମଣ କରିବ, ଏହା କହିକି ଯେ ସେଠାରେ ସତ୍ତା ପରିବର୍ତ୍ତନ ହେବା ଦରକାର ଏବଂ ତାହା ବି ଆମେରିକାର ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ! ଏଭଳି ଔଦ୍ଧତ୍ୟ ବିଶ୍ୱ ରାଜନୀତିରେ କେବେ ଦେଖାଯାଇ ନଥିଲା। ରାଜବଂଶମାନଙ୍କ ଦ୍ୱାରା ସାମ୍ରାଜ୍ୟ ବିସ୍ତାର ବେଳେ ଯେଉଁ ଔଦ୍ଧତ୍ୟ,ଆଧିପତ୍ୟ ଓ ଅହଂକାରକୁ ସେତେବେଳର ଜନଗଣ ଆକ୍ରମଣ, ଦମନ ଓ ଦଖଲ ସମୟରେ ଅସହାୟ ଭାବେ ଦେଖୁଥିଲେ, ଆଜି ସେ ପରିସ୍ଥିତିର ହୁଏତ ପୁନରାବୃତ୍ତି ଘଟିଛି। ଆଜି ତଥାକଥିତ ଗଣତାନ୍ତ୍ରିକ ଯୁଗରେ ମଧ୍ୟ ସେଇ ଏକା ଅସହାୟ ପରିସ୍ଥିତି ବିଶ୍ୱସାରା ଜନଗଣ ଏଭଳି ଅନାବଶ୍ୟକ, ଅନୈତିକ ଓ ବେଆଇନ୍ ଆକ୍ରମଣ ମାଧ୍ୟମରେ ଦେଖିଆସୁଛନ୍ତି। ନିର୍ବାଚିତ ସରକାର ବା ରାଷ୍ଟ୍ରମୁଖ୍ୟମାନେ ଗୋଟିଏ ରାସ୍ତାରେ ଚାଲିଥିବା ବେଳେ ଜନଗଣ ନିଜକୁ ଉପେକ୍ଷିତ ହେବାର ତଥା ତାଙ୍କରି ମତାମତକୁ ନିର୍ବାଚିତ ମୁଖ୍ୟମାନେ ହେୟ ମନେ କରୁଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି।

ଭେନେଜୁଏଲାର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଶୋଇଥିବା ଅବସ୍ଥାରୁ ରାଷ୍ଟ୍ରପତିଙ୍କ ବାସଭବନରୁ ଉଠାଇ ଆଣିବା ଏବଂ ନିଜ ଦେଶରେ ବନ୍ଦୀ କରି ରଖିବା, ଗ୍ରୀନଲ୍ୟାଣ୍ଡ ଭଳି ଦେଶକୁ ନିଜେ ଦଖଲ କରିବାପାଇଁ ଧମକ ଦେବା, କ୍ୟୁବା ଭଳି ରାଷ୍ଟ୍ରକୁ ଦଶନ୍ଧି ଦଶନ୍ଧି ଧରି ଅର୍ଥନୈତିକ ବାସନ୍ଦ କରିବା,କ୍ୟୁବାର ରାଷ୍ଟ୍ରପତିଙ୍କୁ ବାରମ୍ବାର ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଏବଂ ସେଥିରେ ବିଫଳ ହେବା , ତା'ପରେ ଏବେ ପୁଣି କ୍ୟୁବାକୁ ଅକ୍ତିଆର କରିବା ପାଇଁ ଧମକ ଦେବା, ଏବଂ ଶେଷରେ ଏବେ ଇରାନର ତଥାକଥିତ ପରମାଣୁ ଶକ୍ତିକୁ ନେଇ ସେଇ ଆମେରିକାର ବାଧ୍ୟବାଧକତାରେ ଚାଲିଥିବା ବାର୍ତ୍ତାଳାପ ଓ ଆଲୋଚନାକୁ ଭୃକ୍ଷେପ ନକରି ଇସ୍ରାଏଲ ସହ ମିଶି ଏହାର ସର୍ବୋଚ୍ଚ ନେତାଙ୍କ ସମେତ ଅନେକ ନେତୃସ୍ତରୀୟ ବ୍ୟକ୍ତିଙ୍କୁ କ୍ଷେପଣାସ୍ତ୍ର ମାଡ଼ କରି ହତ୍ୟା କରିବା: ଇତ୍ୟାଦି ଆଗକୁ ବଢ଼ି ଚାଲିଥିବା ତାଲିକାଟି ରାଷ୍ଟ୍ରପତି ଟ୍ରମ୍ପଙ୍କର ରାକ୍ଷସ ପ୍ରକୃତିର ପ୍ରମାଣ ଦେଇ ଚାଲିଛି। ଇରାନର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ କ୍ଷେପଣାସ୍ତ୍ର ଆକ୍ରମଣ କରି ୧୭୦ରୁ ଊର୍ଦ୍ଧ୍ୱ କୋମଳମତି ଶିଶୁମାନଙ୍କୁ ଇସ୍ରାଏଲ-ଆମେରିକା ମିଳିତ ଭାବେ ମରଣ ମୁହଁକୁ ଠେଲି ଦେଇଛନ୍ତି। ସମଗ୍ର ମଧ୍ୟପ୍ରାଚ୍ୟରେ ଭୟ ଓ ଆତଙ୍କର ବାତାବରଣ। ଆକ୍ରମଣ ଯେ ପ୍ରତ୍ୟାକ୍ରମଣ ପାଇଁ ବାଟ କଢ଼ାଇଥାଏ ଏକଥା ଆକ୍ରମଣକାରୀମାନେ ସ୍ପଷ୍ଟ ଭାବେ ଜାଣିଥାନ୍ତି। ଉଭୟ ପ୍ରକ୍ରିୟାରେ ଅନେକ ନିରୀହ ଜୀବନ ଓ ଧନସମ୍ପତ୍ତି ବଳି ପଡ଼ିଥାଏ। ସବୁ ଜାଣିବି ଅଚାନକ ଏବଂ ଅତର୍କିତ ଭାବେ କାହିଁକି ଇରାନ ଭଳି ଅନେକ ଦେଶମାନଙ୍କ ଉପରେ ଆକ୍ରମଣ କରାଯାଉଛି ? ଏଥିରୁ ଲାଭ କ'ଣ ମିଳୁଛି ? ଆକ୍ରମଣକାରୀ ରାଷ୍ଟ୍ରମୁଖ୍ୟମାନଙ୍କୁ କ'ଣ ଅନ୍ୟ ଗୋଟେ ଦେଶ ଉପରେ ଆକ୍ରମଣ କରିବା ତାର ନେତୃତ୍ୱକୁ ହତ୍ୟା କରିବା ବା ଅପହରଣ କରି ନେବା ପାଇଁ ଜନମତ ଦିଆଯାଇଥାଏ ? ସେଭଳି କଥା ତ ଗଣମାଧ୍ୟମରେ କେବେ ପ୍ରକାଶ ପାଇନି ! କୌଣସି ଦେଶର ଜନଗଣ ଯୁଦ୍ଧ ଚାହାନ୍ତି ନାହିଁ। ସେମାନଙ୍କୁ ବିଭିନ୍ନ ରାଜନୈତିକ, ଅର୍ଥନୈତିକ କାରଣରୁ ନେତୃତ୍ୱ ଟାଣି ନେଇଯାଇଥାନ୍ତି ଯୁଦ୍ଧ ଭିତରକୁ। ଦେଶାତ୍ମବୋଧକତା ନାଁରେ ବା ଦେଶପ୍ରେମ ନାଁରେ ସେମାନଙ୍କ ମନଟାକୁ ବିଚଳିତ କରାଇ ଯୁଦ୍ଧ ପାଇଁ ବୈଧତା ସୃଷ୍ଟି କରିଥାନ୍ତି। ତଥାପି ବି ଆଜିର ଦିନରେ ଇରାନ ଉପରେ ଇସ୍ରାଏଲ-ଆମେରିକାର ଆକ୍ରମଣକୁ ଅଧିକାଂଶ ଆମେରିକୀୟ ନିନ୍ଦା କରୁଛନ୍ତି ଏବଂ ପ୍ରତିବାଦ ମଧ୍ୟ କରୁଛନ୍ତି। ତଥାପି ରାଷ୍ଟ୍ରପତି ଟ୍ରମ୍ପଙ୍କର ଅନୁଶୋଚନା ନାହିଁ। ସେ ଜଣେ ନିଶାଗ୍ରସ୍ତ ଖଳନାୟକ ଭଳି ନିଜ ଔଦ୍ଧତ୍ୟ ଓ ଆଧିପତ୍ୟ ବିସ୍ତାରର ଆଭିମୁଖ୍ୟକୁ ବିଶ୍ୱବାସୀଙ୍କ ସମ୍ମୁଖରେ ନିର୍ଲଜ ଭାବେ ଥୋଇ ଚାଲିଛନ୍ତି।

ପ୍ରଥମ କଥାଟି ହେଉଛି ଯେ ଆକ୍ରମଣକାରୀମାନେ ଯାହା କରନ୍ତି ତାକୁ ନିରୀହ ଭାବେ ନ ନେଇ ସମସାମୟିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ଅଧିକ ଜରୁରୀ। ଦ୍ୱିତୀୟରେ ସେ ସମୟରେ ପୁଞ୍ଜିର ସ୍ଥିତି କ'ଣ ଅଛି ତାକୁ ବି ବୁଝିବା ଦରକାର। ତୃତୀୟରେ ଯୁଦ୍ଧର ଲାଭ କିଏ ନେଉଛି ସେ କଥା ମଧ୍ୟ ଦେଖାଯିବା ଦରକାର। ଚତୁର୍ଥରେ କେଉଁ ଲୋକମାନଙ୍କର ବେଶୀ କ୍ଷତି ହୋଇଛି ଜାଣିବା ଦରକାର। ପଞ୍ଚମରେ ଯୁଦ୍ଧ ବିଶ୍ୱରେ କେଉଁ ପ୍ରକାର ରାଜନୀତି ଅର୍ଥନୀତି ପାଇଁ ଦିଶା ନିର୍ଦ୍ଧାରଣ କରୁଛି ତାହା ମଧ୍ୟ ଦେଖିବା ଦରକାର। ଆକ୍ରମଣକାରୀ ଦେଶ ଓ ତାର ଶିକାର ହେଉଥିବା ଦେଶ ଭିତରେ ପ୍ରାକୃତିକ ସମ୍ବଳର ସମ୍ପର୍କ କେଉଁ କେଉଁ ସ୍ଥିତି ଏବଂ ଦୃଷ୍ଟିଭଙ୍ଗୀ ଦେଇ ଗତି କରୁଛି ତାକୁ ମଧ୍ୟ ଦେଖାଯିବା ଦରକାର। ଇତିହାସରୁ ଜଣାପଡ଼େ ଯେ ପୁଞ୍ଜି ଯେତେବେଳେ ସ୍ଥିର ଅବସ୍ଥାରେ ରହେ, ଅର୍ଥାତ୍ ପାଖରେ ଥିବା ଧନ ନ ବଢ଼ି ସ୍ଥିର ହୋଇ ରହିଯାଏ, ତାହା ଏକ ଭଲ ଲକ୍ଷଣ ନୁହେଁ ବୋଲି ପଣ୍ଡିତମାନେ କହନ୍ତି। ପୁଞ୍ଜିର ଧର୍ମ ହେଉଛି ବା ଧନର ଧର୍ମ ହେଉଛି ବଢ଼ିବା। ଯଦି ନ ବଢ଼େ ସେ ଛିଡ଼ିବ ବା କମିବ। ଆଜିର ଦିନରେ ପଣ୍ଡିତମାନେ କହନ୍ତି ଯେ ପୁଞ୍ଜି ବଢୁନାହିଁ ବା ଅତି ମନ୍ଥର ଗତିରେ ବଢୁଛି। ପକେଟରେ ଥିବା ୧୦୦ ଟଙ୍କାଟି ଯଦି ୧୧୦ ଟଙ୍କା ହୋଇପାରୁନି, ତାହେଲେ ତା' ୧୦୦ରେ ରହିବନି, ୯୦ଟଙ୍କା ହୋଇଯିବ ବା ଆହୁରି ତଳକୁ ତଳକୁ ଖସି ଶୂନ୍ୟରେ ପହଞ୍ଚିବ। ଅଧିକାଂଶ ଅର୍ଥନୀତି ବିଶାରଦମାନେ କହନ୍ତି ଯେ ଆଧୁନିକ ପୁଞ୍ଜିବାଦ ଏକ ନିରପେକ୍ଷ ସ୍ଥିର ଅବସ୍ଥା ଦେଇ ଗତି କରୁଛି (Secular Stagnation)। ଅନ୍ୟ ଅର୍ଥରେ କୁହାଯାଏ ଯେ ପୁଞ୍ଜି ଦୀର୍ଘକାଳ ଧରି ମନ୍ଥର ଗତିରେ ଚାଲିଛି ଓ ପୁଞ୍ଜି ନିବେଶର ସ୍ଥିତି ଦୁର୍ବଳ ହେଉଛି, ଲୋକେ ଅଧିକାଂଶ ସଞ୍ଚୟ କରି ରଖି ଦେଉଛନ୍ତି ଇତ୍ୟାଦି ଇତ୍ୟାଦି। ଲୋକେ ବଜାରରେ କିଣିବା ଏବଂ ଖାଉଟି ହେବା ସଂଖ୍ୟାରେ ବୃଦ୍ଧି ଘଟୁନାହିଁ। ଅସମାନତା ବଢ଼ି ଚାଲିଥିବା ବେଳେ କ୍ରୟ ଶକ୍ତି ଲୋକଙ୍କର ହ୍ରାସ ବି ପାଇ ଚାଲିଛି। କ'ଣ ପାଇଁ ମନ୍ଥର ଗତିରେ ଅର୍ଥନୀତି ଚାଲିଛି ଏବଂ ତାହାର କାରଣ କ'ଣ ଏବଂ ନିରାକରଣର ବାଟ କ'ଣ ସେ କଥା ଆଲୋଚନା ପ୍ରାୟତଃ ହେଉନି। ସବୁ କଥା କିନ୍ତୁ ଏଠି ଆମେ ଆଲୋଚନା କରିପାରିବା ନାହିଁ, ଯେହେତୁ ଏହି ସ୍ତମ୍ଭର ସୀମିତ ସୀମା ରହିଛି। କିନ୍ତୁ ଗୋଟିଏ କଥା କହିବା ଯେ ଯେତେବେଳେ ପୁଞ୍ଜି ସ୍ଥିର ଅବସ୍ଥାରେ ରହେ ବା ସେଥିରେ ବୃଦ୍ଧି ଘଟେ ନାହିଁ, ପୁଞ୍ଜି ଠୁଳ କରି ଚାଲିଥିବା ଶକ୍ତିମାନେ ସରକାର ଗଢ଼ିଥିବା ଲୋକମାନଙ୍କୁ କିଣି ନିଅନ୍ତି ବା ତଥାକଥିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ ମାଧ୍ୟମରେ ସେମାନଙ୍କୁ ଶାସନ ଗାଦିକୁ ନେଇ ଆସନ୍ତି। ସେମାନେ ନିର୍ବାଚନ ପ୍ରକ୍ରିୟାଟିକୁ ଏଭଳି ବ୍ୟୟବହୁଳ କରିଦେଇଥାନ୍ତି ଯେ ଅସମାନତାର ଶିକାର ହେଉଥିବା ସଂଖ୍ୟାଧିକ ଲୋକମାନଙ୍କର ସ୍ୱାର୍ଥରେ ବା ସେମାନଙ୍କ ହିତ ପାଇଁ ଲଢୁଥିବା ରାଜନୈତିକ ଦଳ ହେଉ ବା ବ୍ୟକ୍ତିତ୍ୱ ହୁଅନ୍ତୁ, ନିଜକୁ ଅସହାୟ ମନେ କରନ୍ତି ଏବଂ ନିଜର ଅସମର୍ଥତା ଯୋଗୁଁ ଏହି ନିର୍ବାଚନ ପ୍ରକ୍ରିୟାରେ ଅପ୍ରାସଙ୍ଗିକ ହୋଇ ରହିଯାନ୍ତି। ବ୍ୟୟବହୁଳ ନିର୍ବାଚନ ବଡ଼ ବଡ଼ ପୁଞ୍ଜି ବା ନିଜ ପାଖରେ ପୁଞ୍ଜି ଠୁଳ

କରି ଚାଲିଥିବା ଲାଭଖୋର ସ୍ୱାର୍ଥପର କମ୍ପାନୀମାନଙ୍କ ହିତରେ ଯାଏ। ଆମେରିକାର ନିର୍ବାଚନରେ ଯୁଦ୍ଧ ଶିଳ୍ପ ଓ ତୈଳ କମ୍ପାନୀମାନେ ଏବଂ ଅନ୍ୟାନ୍ୟ କମ୍ପାନୀମାନେ ଯାହା ପଛରେ ପ୍ରଚୁର ଅର୍ଥ ଖର୍ଚ୍ଚ କରିଥାନ୍ତି, ସେ ହିଁ ଗୋଟିଏ ଦଳର ପ୍ରାର୍ଥୀ ହୁଅନ୍ତି ଏବଂ ଶେଷରେ ନିର୍ବାଚନରେ ବିଜୟ ହୁଅନ୍ତି। ଭାରତରେ ମଧ୍ଯ ୨୦୧୪ ସାଧାରଣ ନିର୍ବାଚନ ଠାରୁ ନିର୍ବାଚନ ପ୍ରକ୍ରିୟା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ସୌଜନ୍ୟରୁ ପୁଞ୍ଜିର ବଳରେ ଚାଲିଛି ଏବଂ ଦିନକୁ ଦିନ ଅତ୍ୟଧିକ ବ୍ୟୟବହୁଳ ହୋଇଚାଲିଛି। ଏଥିରେ ଯେଉଁ ଯେଉଁମାନେ ଅଧିକ ଅର୍ଥ ଖର୍ଚ୍ଚ କରି ନିର୍ବାଚନ ଲଢୁଛନ୍ତି, ବିଜୟୀ ହେଉଛନ୍ତି, ସ୍ୱାଭାବିକ ଭାବେ କ୍ଷମତାକୁ ଆସିବା ପରେ ନିଜ ଅର୍ଥଦାତାଙ୍କ ହିତରେ ହିଁ କାମ କରୁଛନ୍ତି। ଆମେରିକାରେ ଯେଉଁ ସ୍ଥିତି ରହିଛି, ଭାରତରେ ମଧ୍ଯ ସେଇ ସ୍ଥିତି। ପରିସ୍ଥିତି ଭୟଙ୍କର ରୂପ ନିଏ କିନ୍ତୁ ଯେତେବେଳେ ଏମାନଙ୍କ ଭିତରେ ମାନସିକ ସନ୍ତୁଳନ ନଥିବା ଲୋକେ ରାଷ୍ଟ୍ରମୁଖ୍ୟ ହୋଇଯାନ୍ତି। ତାଙ୍କୁ କଣ୍ଢେଇ କରି ପୁଞ୍ଜିପତିମାନେ କେବଳ ଯେ ଅନୈତିକ କାର୍ଯ୍ୟ କରି ଚାଲିଥାନ୍ତି ତାହା ନୁହେଁ, ଏମିତିକି ବେଳେବେଳେ ସେମାନେ ଦେଶ ଦେଶ ଭିତରେ ସାମରିକ ସଂଘର୍ଷ ବା ଯୁଦ୍ଧର ପରିସ୍ଥିତି ମଧ୍ଯ ସୃଷ୍ଟି କରିଥାନ୍ତି। ଡୋନାଲ୍ଡ ଟ୍ରମ୍ପ ସେଭଳି ଜଣେ ଅପରିପକ୍ୱ, ଦୁଷ୍ଟ ବୁଦ୍ଧିର ବ୍ୟକ୍ତିତ୍ୱ ଯିଏ କି ତାଙ୍କର ପୂର୍ବ ରାଷ୍ଟ୍ରପତିଙ୍କ ତୁଳନାରେ ଅଧିକ ଉଗ୍ର ଓ ପ୍ରକାଶିତ ଭାବେ ବହୁରାଷ୍ଟ୍ରୀୟ ପୁଞ୍ଜିପତିଙ୍କ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବା କାମରେ ଲାଗିପଡ଼ିଛନ୍ତି, ମୁଖ୍ୟତଃ ନିଜର ଦ୍ୱିତୀୟ ପାଳିରେ।

ବିଶ୍ୱରେ ଚୀନ ସବୁଠାରୁ ବଡ଼ ଅର୍ଥନୈତିକ ଶକ୍ତି ହିସାବରେ ଆଗକୁ ବଢ଼ି ଚାଲିଛି। ଏସିଆ, ଆଫ୍ରିକା ଏବଂ ଏମିତିକି ଉତ୍ତର ଆମେରିକାର ପ୍ରାକୃତିକ ସମ୍ପଦକୁ ଚୀନ ଶାନ୍ତିପୂର୍ଣ୍ଣ ଭାବେ ନିଜ କାମରେ ଲଗାଇ ଚାଲିଛି। ଏହି ଆଶଙ୍କା ସବୁବେଳେ ଥିଲା ଯେ ଯେହେତୁ ବିଶ୍ୱରେ ସୀମିତ ପ୍ରାକୃତିକ ସମ୍ପଦ ସରି ସରି ଚାଲିଛି, ତାକୁ ନିଜ ହାତକୁ ନେବା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ମଧ୍ଯରେ ଓ ଦେଶ ଦେଶ ଭିତରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତାଟି ବି ଭୟଙ୍କର ରୂପ ନେଉଛି ଯେତେବେଳେ ସାମରିକ ସଂଘର୍ଷ ଆଡ଼କୁ ଗୋଟିଏ ଦେଶ ଚାଲିଯାଉଛି। ସୋଭିଏତ୍ ୟୁନିଅନ୍‌ର ବିଲୟ ପରେ ଏବେ ମୁଖ୍ୟ ପ୍ରତିଯୋଗୀ ଭାବେ ଆମେରିକା ସାମ୍ନାରେ ଚୀନ ହିଁ ଅଛି। ସବୁଠାରୁ ବଡ଼ ଗଣତନ୍ତ୍ର କୁହାଯାଉଥିବା ଆମେରିକା ଗୋଟିଏ  ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ହିଁ ଦେଶ ବୋଲି ଯଥେଷ୍ଟ ପ୍ରମାଣ ଆଗରୁ ଦେଇସାରିଛି। ଅନ୍ୟପଟେ ସାମୂହିକ ନେତୃତ୍ୱରେ ପରିଚାଳିତ ଚୀନ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ପ୍ରଭାବରୁ ଅନେକ ଉର୍ଦ୍ଧ୍ୱରେ ରହିଛି, ଯଦିଓ ଏହି ଦେଶରେ ମଧ୍ଯ ଅନ୍ୟାନ୍ୟ ଅନେକ ସମସ୍ୟା ରହିଛି। ଇସ୍ରାଏଲ-ଆମେରିକାର ଆକ୍ରମଣର ଶିକାର ହୋଇଥିବା ଇରାନର ସବୁଠାରୁ ବଡ଼ ଗ୍ରାହକ ହେଉଛି ଚୀନ। ଆମେରିକାର ଅର୍ଥନୈତିକ କଟକଣାର ଶିକାର ହୋଇ ଚାଲିଥିବା ଇରାନର ସମଗ୍ର ତୈଳର ଶତକଡ଼ା ୯୦ ଭାଗ ଅଶୋଧିତ ତୈଳ ବା ଜାଳେଣି ତୈଳ ଚୀନ ହିଁ କିଣିଥାଏ। ଦୈନିକ ୧୩ ଲକ୍ଷ ୮୦ ହଜାର ବ୍ୟାରେଲ ତୈଳ ଇରାନରୁ ଚୀନକୁ ଯାଇଥାଏ। ଚୀନ ଅଦଳ ବଦଳ ନୀତିରେ ତୈଳ କିଣିଥାଏ ଏବଂ ଇରାନକୁ ଆର୍ଥିକ କଟକଣାରୁ ମୁକ୍ତ ରଖିବା ପାଇଁ ଅନ୍ୟାନ୍ୟ ରଣନୀତି ମଧ୍ଯ ଯୋଗାଇଥାଏ। ଦେଖିବାକୁ ଗଲେ ଚୀନ ଇରାନର ଜଣେ ଭଲ ବନ୍ଧୁ। ଆମେରିକୀୟ କଟକଣାକୁ ଭ୍ରୂକ୍ଷେପ ନକରି ଚୀନ ଇରାନର ଏହି ତୈଳ ବିକ୍ରିରେ ସାହାଯ୍ୟ ଓ ସହଯୋଗ କରିଆସିଥାଏ। ଭାରତର ବର୍ତ୍ତମାନର ନେତୃତ୍ୱ ଭଳି ଚୀନ ସମର୍ପଣର ରାସ୍ତା ନେଇନଥାଏ। ଇରାନ ଉପରେ ଆକ୍ରମଣ ସେଥିପାଇଁ 'ବୃହତ୍ତର ଇସ୍ରାଏଲ' ଗଠନର ବା 'ପରମାଣୁ ଶକ୍ତି' କାର୍ଯ୍ୟକ୍ରମ ଉପରେ ନିୟନ୍ତ୍ରଣ ରଖିବାର ଦୃଷ୍ଟିଭଙ୍ଗୀରୁ ନଦେଖି ଇରାନର ତୈଳ ସମ୍ପଦର ଭବିଷ୍ୟତ କିପରି ରହିବ, ସେଇ ଦୃଷ୍ଟିରୁ ଯଦି ଦେଖିବା ତାହେଲେ ବର୍ତ୍ତମାନ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ଯରେ ଚାଲିଥିବା ଏହି ଯେଉଁ ଆକ୍ରମଣ ବା ପ୍ରତିଆକ୍ରମଣକୁ ଆମେ ବୁଝିପାରିବା।

ଯଦି ଆମେ ଏଥିପୂର୍ବରୁ ଭେନେଜୁଏଲାର ରାଷ୍ଟ୍ରପତିଙ୍କ ଅପହରଣ ଓ ଆମେରିକାରେ ବନ୍ଦୀ ହେବାର ପୃଷ୍ଠଭୂମି ଦେଖିବା, କଥାଟି ଅଧିକ ସହଜ ହେବ। ୨୦୨୬ ସୁଦ୍ଧା ଅର୍ଥାତ୍ ଆମେରିକା ଆକ୍ରମଣରେ ଭେନେଜୁଏଲାକୁ ଉପନିବେଶ କରିବା ପୂର୍ବରୁ ସେଠାକାର ତୈଳ ସମ୍ପଦରେ ଭରପୂର ଏହି ରାଷ୍ଟ୍ରର ସର୍ବାଧିକ ୬୮ ପ୍ରତିଶତ ତୈଳ ଚୀନ ହିଁ କିଣୁଥିଲା। ଆମେରିକା ଭେନେଜୁଏଲା ଦଖଲ କରିବା ପରେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯେ ଯେଉଁମାନେ ପୂର୍ବରୁ ଭେନେଜୁଏଲା ଠାରୁ ସିଧାସଳଖ ଅଶୋଧିତ ତୈଳ କିଣୁଥିଲେ ସ୍ୱାଧୀନ ଭାବେ, ସେମାନେ ଆମେରିକାଠାରୁ ଏବେ କିଣିବେ। ନିଜ ଦଖଲକୁ ଆଣିବା ପାଇଁ ଦାବି କରୁଥିବା ଆମେରିକାର ରାଷ୍ଟ୍ରପତିଙ୍କ ତାଲିକାରେ ଗ୍ରୀନଲ୍ୟାଣ୍ଡ ରହିଛି, ଯେଉଁଠି ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ସହ ରହିଛି ବିରଳ ମୃତ୍ତିକାର ଉପାଦାନ ଏବଂ ୟୁରାନିୟମ୍, ଯାହା ପରମାଣୁ ଶକ୍ତି ପ୍ରସ୍ତୁତି ପାଇଁ ଅତ୍ୟାବଶ୍ୟକ ବୋଲି ସମସ୍ତେ ଜାଣନ୍ତି। ଆମେରିକା, ଅଷ୍ଟ୍ରେଲିଆ, ୟୁରୋପୀୟ ସଂଘ, କାନାଡ଼ା ଓ ଇଂଲଣ୍ଡର ବହୁରାଷ୍ଟ୍ରୀୟ କମ୍ପାନୀମାନେ ଏହି ଖଣିଜ ଦ୍ରବ୍ୟ ଉତ୍ତୋଳନ କରୁଥିଲେ ବି କାଳେ ଚୀନ କେବେ ଗ୍ରୀନଲ୍ୟାଣ୍ଡକୁ ଦଖଲ କରିନେବ ସେଥିପାଇଁ ଆମେରିକା ତା ପୂର୍ବରୁ ଗ୍ରୀନଲ୍ୟାଣ୍ଡ ନେବା ପାଇଁ ଚାହୁଁଛି। କ୍ୟୁବା କ୍ଷେତ୍ରରେ ମଧ୍ଯ ସେଇ ଏକା ପ୍ରକାର ଯୁକ୍ତି। ବର୍ତ୍ତମାନ ଅନେକ ଦଶନ୍ଧି ପରେ କ୍ୟୁବାକୁ ଦଖଲ କରିବା ପାଇଁ ଯେଉଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଚିତ୍କାର କରୁଛନ୍ତି, ସେହି କ୍ୟୁବାରେ ମଧ୍ଯ ପର୍ଯ୍ୟାପ୍ତ ପରିମାଣର ଖଣିଜ ସମ୍ପଦ ଭରି ରହିଛି; ଜିଙ୍କ, ଲିଡ୍, ତା'ପରେ ଏମିତିକି କ୍ରୋମାଇଟ୍, ଲୁହାପଥର ଇତ୍ୟାଦି।  ତୈଳ ସମ୍ପଦ ବି କିଛି କମ୍ ନୁହେଁ। କ୍ୟୁବା ନିଜର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଯାହା ରଖିଛି ସେଥିରୁ  ୬୦୦ କୋଟିରୁ ୨୦୦୦ କୋଟି ବ୍ୟାରେଲ ଯାଏ ତୈଳ ସମ୍ପଦ ବା ଗ୍ୟାସ୍ ପ୍ରସ୍ତୁତ କରିହେବ।

ସମସ୍ତ ଘଟଣାବଳୀକୁ ଦେଖିଲେ ଜଣାଯାଏ ଯେ ବିଶ୍ୱରେ ସୀମିତ ପ୍ରାକୃତିକ ସମ୍ପଦ ବା ଖଣିଜ ସମ୍ପଦ ସବୁକୁ ଦଖଲ କରିବା ପାଇଁ ଗୋଟେ ତୀବ୍ର ପ୍ରତିଯୋଗିତା ପୁଞ୍ଜି ଶକ୍ତିମାନଙ୍କ ଭିତରେ ଚାଲିଛି ଏବଂ ସେଥିରେ ନିର୍ବୋଦ୍ଧ ରାଷ୍ଟ୍ରମୁଖ୍ୟମାନଙ୍କୁ ଆୟୁଧ କରି ସେସବୁକୁ ଦଖଲ କରିବା ପାଇଁ ବହୁରାଷ୍ଟ୍ରୀୟ ପୁଞ୍ଜି ଶକ୍ତିମାନେ ପ୍ରଚେଷ୍ଟା କରିଚାଲିଛନ୍ତି। ସେଥିପାଇଁ ଇରାନ ଓ ଇସ୍ରାଏଲ ବା ଇସ୍ରାଏଲ-ଆମେରିକା ଓ ଇରାନ ଭିତରେ ଯେଉଁ ସଂଘର୍ଷ ଚାଲିଛି, ତାକୁ ଆମେ କେବଳ ଏକ 'ସାମରିକ ସଂଘର୍ଷ', 'ଅହଂକାରର ସଂଘର୍ଷ' ବା 'ବୃହତ୍ତର ଇସ୍ରାଏଲ' ଗଠନ ପାଇଁ ହେଉଥିବା ଗୋଟେ ଯୋଜନାର ଅଂଶ ଭାବେ ନ ଦେଖି, ବିଶ୍ୱର ପତିଆରା ସମ୍ପନ୍ନ ରାଷ୍ଟ୍ରମାନେ ଯେଉଁମାନେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହିତରେ ଚାଲିଛନ୍ତି ସେମାନେ କିଭଳି ସେ ସମ୍ପଦଗୁଡ଼ିକୁ ଦଖଲ କରିନେବେ ଅନ୍ୟ କିଏ ଦଖଲ କରିବା ଆଗରୁ, ସେଇ ଦୃଷ୍ଟିରୁ ଆମକୁ ତାକୁ ଦେଖିବାକୁ ପଡ଼ିବ। ଯୁଦ୍ଧ ଯଦି ନହୁଏ ଯୁଦ୍ଧ ଶିଳ୍ପ ତିଷ୍ଠିବ ବା କେମିତି ? ବିନା ଆକ୍ରମଣରେ ଆନ୍ୟଦେଶର ସମ୍ପଦ ଗୁଡିକୁ ଅକ୍ତିଆର କରିବାରେ ବାହୁବଳି ଦେଶମାନେ ସଫଳ ହେବେ କେମିତି ? ଯଦି ବହୁ ରାଷ୍ଟ୍ରିୟ ପୁଞ୍ଜିଶକ୍ତିର ନିୟନ୍ତ୍ରଣରେ ସମ୍ପଦ (ଯଥା ଗ୍ୟାସ, ତୈଳ, ଖଣିଜ ଦ୍ରବ୍ୟ ଇତ୍ୟାଦି) ନରହେ ବା ଉତ୍ପାଦିତ ଦ୍ରବ୍ୟର ବିକ୍ରିପାଇଁ ବଜାର ଟିଏ ନମିଳେ ତାହେଲେ ସେମାନେ ଲାଭ କମାଇବେ କେମିତି ? କୌଣସି ଯୁଦ୍ଧ ବା ସାମରିକ ଆକ୍ରମଣକୁ ଆମେ ଏ ଦୃଷ୍ଟିରେ ଦେଖିବା ଉଚିତ ନୁହଁ ଯେ କିଏ କେତେ କ୍ଷେପଣାସ୍ତ୍ର କାହା ଉପରକୁ ଫୋପାଡି କେଉଁ ପ୍ରକାରର ଧ୍ୱଂସ ଲିଳା ବା ତାଣ୍ଡବ ସୃଷ୍ଟି କରୁଛି। ଆମକୁ ସେହି ଦୃଷ୍ଟିରୁ ଦେଖିବାକୁ ହେବ ଯେ,  ଯେକୌଣସି ସାମରିକ ଅଭିଯାନରେ ପ୍ରକୃତରେ କିଏ ଲାଭବାନ ହେଉଛି ଏବଂ କିଏ ସେଥିପାଇଁ ଯନ୍ତ୍ରଣା ଭୋଗୁଛି। ପୁଞ୍ଜି ଦୀର୍ଘକାଳ ସ୍ଥିର ରହିବା ପରେ ପୁନଶ୍ଚ ଯେଉଁ ଆକ୍ରମଣାତ୍ମକ ଯାତ୍ରା ଆରମ୍ଭ କରିଛି ତାକୁ ଆମେ ଏକ ଦେଖଣାହାରି ଭଳି ଯଦି ଦେଖନ୍ତି ତାହା ଆମଭବିଷ୍ୟତର ବଂଶଧରମାନଙ୍କ ପାଇଁ ଭୟଙ୍କର ପରିଣାମ ଆଣିଦେବ।

ସୁଧୀର ପଟ୍ଟନାୟକ

୯୪୩୭୦୧୯୩୯୫